## ସଂକ୍ଷେପରେ

### ପ୍ରୀତିସ୍ମିତା ସମ୍ବର୍ଦ୍ଧିତ



**ଢେଙ୍କାନାଳ ଅଫିସ, ୧।୩:** ମଧ୍ୟପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ଭାରୋତ୍ତୋଳନ ବର୍ଗର ୪୦ କିଗ୍ରା କ୍ୟାଟେଗୋରି ଏବଂ ବିହାରର ପାଟନାରେ ଅନୁଷ୍ଠିତ ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାର ୪୯ କେଜି କ୍ୟାଟେଗୋରିରେ ରୌପ୍ୟ ପଦକ ହାସଲ କରିଛନ୍ତି ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ପ୍ରୀତିସ୍ମିତା ଭୋଇ। ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାତୀୟସ୍ତରୀୟ କୋଚ ଗୋପାଳକୃଷ୍ଣ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଉପସ୍ଥିତ ଥିଲେ।

### ନୂତନ ରେଞ୍ଜ୍ ଅଧିକାରୀଙ୍କ ଯୋଗଦାନ

**ପରଜଙ୍ଗ, ୧।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜର ନୂତନ ରେଞ୍ଜ୍ ଅଧିକାରୀ ଭାବେ ଯୋଗଦେଇଛନ୍ତି ହିମାଂଶୁ ଶେଖର ପୃଷ୍ଟି। ଏଥିପୂର୍ବରୁ ସେ ହିନ୍ଦୋଳ ଫରେଷ୍ଟର ଭାବେ କାର୍ଯ୍ୟରତ ଥିଲେ। ମହାବିରୋଡ୍ ଦାୟିତ୍ୱରେ ଥିବା ରେଞ୍ଜର ସତ୍ୟନାରାୟଣ



ସାହୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ନିଜ ପ୍ରତିକ୍ରିୟାରେ ସେ କୁହନ୍ତି, କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖି ଯେପରି ଭଲଭାବେ କାର୍ଯ୍ୟ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦେବେ। ଜଙ୍ଗଲରୁ କାଠ ଚୋରି ରୋକିବା, ବନାଗ୍ନିକୁ ପ୍ରତିହତ କରିବା ଲାଗି ସଚେତନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ଢେଙ୍କାନାଳ ଅଫିସ, ୧।୩:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ବିଆର୍‌ଜି ଛକ ନିକଟରେ ବୁଧବାର ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଡ଼ାପଡ଼ା ଗ୍ରାମର ନୀରଜ ବେହେରା (୩୫)। ନୀରଜ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିଲେ। ଅନୁଗୋଳରୁ କାର୍ଯ୍ୟ ସାରି ସ୍କୁଟି (ନଂ. ଓଡି ୦୬ ସି ୨୧୭୯)ରେ ଘରକୁ ଫେରୁଥିବାବେଳେ ବିଆର୍‌ଜି ଛକରେ ଉକ୍ତ ଟ୍ରକ୍ (ନଂ. ଓଡ଼ି ୩୫ ଏଫ୍ ୬୧୪୮) ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ପଛରେ ଅନ୍ୟ ଏକ ଟ୍ରକ୍ ପିଟି ହୋଇଯିବାରୁ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମୋଟଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# 'ପଞ୍ଚାୟତର ଆୟ ବୃଦ୍ଧି କର'

- ଏସ୍ଏଚ୍‌ଜିର ସହାୟତା ନେବାକୁ ପରାମର୍ଶ
- ଲାଭଜନକ ଫୁଲଚାଷ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧।୩**



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ।

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ-ନବଜୀବନପୁରସ୍ଥିତ କଳାକୃତି ଗ୍ରାମ ସଭାଗୃହରେ ବୁଧବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ପର୍କିତ ଜିଲାସ୍ତରୀୟ ବ୍ୟାଙ୍କର୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଏସଏଚ୍‌ଜି ସହଯୋଗରେ ପଞ୍ଚାୟତର ଆୟବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ବିଡିଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଲାଭଜନକ ଫୁଲ ବ୍ୟବସାୟ କରିବା ଲାଗି ଏସ୍ଏଚ୍‌ଜି ସଦସ୍ୟାମାନେ ଆଗେଇ ଆସିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ୨ ଲକ୍ଷରୁ ଅଧିକ ସଦସ୍ୟ ଥିବା ଜିଲାର ୧୯ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଋଣ ପ୍ରଦାନ କରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରିବାରେ ସହଯୋଗ କରିବାକୁ ଜିଲାପାଳ ବ୍ୟାଙ୍କର୍ସମାନଙ୍କୁ ନିବେଦନ କରିଛନ୍ତି।

ଓଡ଼ିଶା ଜୀବିକା ମିଶନର ଡିପିଏମ୍ ସତ୍ୟଭାମା ପ୍ରଧାନ ଏସ୍ଏଚ୍‌ଜି ଗଠନ, ଆର୍ଥିକ ବିକାଶ ନିମନ୍ତେ କାର୍ଯ୍ୟପ୍ରଣାଳୀ, ଋଣ ସହାୟତା, ରିହାତି ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ଏସ୍ଏଚ୍‌ଜିଗୁଡ଼ିକୁ ୨୭୦ କୋଟି ଟଙ୍କା ଋଣ ପ୍ରଦାନ କରିବାକୁ ଧାର୍ଯ୍ୟ କରାଯାଇଛି। ଅଦ୍ୟାବଧି ୨୮୬ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଆର୍‌ସେଟିର ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଆଲୋଚନାରେ ଭାଗ ନେଇଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ନିର୍ମଳ ଚନ୍ଦ୍ର ପଣ୍ଡା, ନାବାର୍ଡ ଏଜିଏମ୍ ପ୍ରଶାନ୍ତ କୁମାର ଦାସ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ମିଶନ ଶକ୍ତିର ଡିପିଏମ୍ ମୋନାଲିସା ଭଞ୍ଜ, ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ବ୍ୟାଙ୍କ ଅଧିକାରୀ, ବ୍ୟାଙ୍କ ମିତ୍ର ଉପସ୍ଥିତ ଥିଲେ।


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

# ଝାମ୍ପି ନେଇଗଲେ ଲକ୍ଷେ ଟଙ୍କା

**କାମାକ୍ଷାନଗର, ୧।୩(ଡି.ଏନ୍.ଏ.)**

**କାମାକ୍ଷାନଗରରେ ପୁଣି ଲୁଟେରା ଗୋଷ୍ଠୀ ସକ୍ରିୟ**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ଲୁଟେରା ଆତଙ୍କ କମୁନାହିଁ। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଆଖି ପିଛୁଳାକେ ଟଙ୍କା, ସୁନା ଅଳଙ୍କାର ଝାମ୍ପି ନେଉଛନ୍ତି। ଗୁରୁବାର ସହରର ବ୍ୟସ୍ତବହୁଳ ଅଞ୍ଚଳ କଳ୍ପନା କ୍ଲବ ସମ୍ମୁଖରୁ ଅନୁରୂପ ଢଙ୍ଗରେ ୧ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଭୁବନ ଥାନା ମଠକରଗୋଳା ଗ୍ରାମର ସନ୍ତୋଷ କୁମାର ଜେନା। ସ୍ପଷ୍ଟ ଦିବାଲୋକରେ ପୋଲିସକୁ ଲୁଟେରାଙ୍କ ଏଭଳି ଖୋଲା ଚ୍ୟାଲେଞ୍ଜ ଆଲୋଚନାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ସନ୍ତୋଷ କାମାକ୍ଷାନଗର ଷ୍ଟେଟ୍ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ। ବାଇକ୍ ହ୍ୟାଣ୍ଡେଲରେ ଟଙ୍କା ବ୍ୟାଗ୍ ରଖି କଳ୍ପନା କ୍ଲବ ନିକଟରୁ ସାର, ବିହନ କିଣୁଥିବାବେଳେ ୨ଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍ ଧରି ଫେରାର ହୋଇଯାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ।

# ଜମି ହଡ଼ପ ଘଟଣା: ୨ ପୃଥକ୍ ମାମଲା ରୁଜୁ



ଅଭିଯୋଗକାରୀ ପ୍ରତାପ ଚନ୍ଦ୍ର ମହାପାତ୍ର ଟାଉନ ଥାନାରେ ଅଭିଯୋଗ କରି ଫେରୁଛନ୍ତି।

**ଢେଙ୍କାନାଳ ଅଫିସ, ୧।୩**

- ପୋଲିସ ପକ୍ଷରୁ ତନାଘନା ତଦନ୍ତ ଆରମ୍ଭ
- ହରଡ଼ଘଣାରେ ଦଲିଲ ଲେଖକ, ସାକ୍ଷୀ

ଢେଙ୍କାନାଳ ସଦର ବ୍ଲକ ପଦ୍ମନାଭପୁର ମୌଜାରେ ୯୫ ଡେସିମିଲ ଜମି ହଡ଼ପ ମାମଲାରେ ବୁଧବାର ଟାଉନ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଅନୁଗୋଳ ଜିଲା ତାଳଚେର କଲିୟାରୀ ଥାନା କଳମଛୁଇଁ ଗ୍ରାମନିବାସୀ ତଥା ନାଲ୍‌କୋର ଅବସରପ୍ରାପ୍ତ କର୍ମଚାରୀ ପ୍ରତାପ ଚନ୍ଦ୍ର ମହାପାତ୍ର (୬୫)ଙ୍କ ଅଭିଯୋଗକ୍ରମେ ନଂ. ୧୩୦/୨୩ ମାମଲା ରୁଜୁ କରାଯାଇଛି। ସେହିପରି ଜିଲା ରେଜିଷ୍ଟ୍ରାର ଗୁରୁଚରଣ ମଲ୍ଲ ମଧ୍ୟ କାର୍ଯ୍ୟାଳୟ ତରଫରୁ ମଧ୍ୟ ଅନୁରୂପ ମାମଲା ରୁଜୁ କରିଛନ୍ତି। ଜିଲା ରେଜିଷ୍ଟ୍ରାର କରିଥିବା ଅଭିଯୋଗର କେସ୍ ଡାଏରୀ କରାଯାଇଛି। ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ ହୋଇଥିବା ମାମଲାରେ ଏହାକୁ ଟ୍ୟାଗ୍ କରାଯାଇଥିବା ପୋଲିସ କହିଛି। ଏହି ଘଟଣାରେ ଜଣେ ଦଲିଲ ଲେଖକ ଏବଂ ଜଣେ ସାକ୍ଷୀଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଅନ୍ୟପଟେ ମାମଲା ରୁଜୁ ହେବାପରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଛି। ଜମି ମାଫିଆଙ୍କ ଦ୍ୱାରା ହଡପ ଜାଗାକୁ କିଣିଥିବା ବ୍ୟକ୍ତିଙ୍କୁ ଥାନାକୁ ଡକାଇ ପୋଲିସ ପଚରାଉଚରା ଚଳାଇଛି।

ଏ ସଂକ୍ରାନ୍ତରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କୁହନ୍ତି, ଅଭିଯୋଗକାରୀ ଏବଂ ଜିଲା ରେଜିଷ୍ଟ୍ରାରଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ଜିଲା ରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଘଟଣାର ତଦନ୍ତ ପାଇଁ ପୋଲିସକୁ ଲିଖିତ ଭାବରେ ଜଣାଯାଇଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ବଅଁରପାଳ, ୧।୩(ଡି.ଏନ୍.ଏ.)**

ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଅନୁଗୋଳ ଜିଲା ବଅଁରପାଳ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ସନ୍ତୋଷ ପ୍ରଧାନ (୨୪)। ଅପହରଣ ପରେ ସନ୍ତୋଷ ନାବାଳିକାଙ୍କୁ ବିକ୍ରି କରିଦେବାକୁ ଯୋଜନା କରୁଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ରବୀନ୍ଦ୍ର କୁମାର ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବଅଁରପାଳ ଅଞ୍ଚଳର ସମ୍ପୃକ୍ତା ୧୭ ବର୍ଷୀୟା ନାବାଳିକାଙ୍କୁ ୨୦ ଦିନ ପୂର୍ବରୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଏହି ଫୋନ ସନ୍ତୋଷ କରିଥିଲେ। ଏହାପରେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଆନ୍ଧ୍ରପ୍ରଦେଶର ନେଲୋର ନେଇଯାଇଥିଲେ। ସେଠାରେ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ୟପଟେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗତ ଫେବୃୟାରୀ ୨୦ରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ପୋଲିସ ତାଙ୍କୁ ଉଦ୍ଧାର କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ଏସ୍ଆଇ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ନେଲୋର ପୋଲିସ ସହାୟତାରେ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜିଲାକୁ ଗର୍ବିତ କରିଛନ୍ତି ଶାଣ୍ଡିଲ୍ୟ ବସନ୍ତ ମହାପାତ୍ର


କାର୍ଯ୍ୟକ୍ରମରେ ସଂସଦର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧।୩**

ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ, ସଙ୍ଗଠକ ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ଜିଲା ଲେଖକ ସଂସଦ ଭବନଠାରେ ପାଳିତ ହୋଇଯାଇଛି। ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର ଜିଲା ଲେଖକ ସଂସଦର ସ୍ରଷ୍ଟା ଥିଲେ। ତାଙ୍କ ରଚିତ କବିତା ପୁସ୍ତକ, ଗଳ୍ପ ଅତି ଉଚ୍ଚକୋଟୀର। ଜଣେ ବାଦ୍ୟକାର, ନାଟ୍ୟକାର, ଆଦର୍ଶ ଶିକ୍ଷକ ଓ ସୁସାହିତ୍ୟିକ ଭାବେ ସେ ଜିଲାକୁ ଗର୍ବିତ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ବହୁ କବି ସୃଷ୍ଟି ହୋଇପାରିଛନ୍ତି। ତାଙ୍କର କନ୍ୟା କଳ୍ପନାମୟୀ ଦାଶ ଆମେରିକାରେ ରହି ପିତାଙ୍କ ସ୍ୱପ୍ନ ପୂରଣ ଲାଗି ଉଦ୍ୟମ ଜାରି ରଖିଛନ୍ତି ବୋଲି ମତପ୍ରକାଶ ପାଇଥିଲା।

ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପସଭାପତି ସାରଙ୍ଗଧର ମିଶ୍ର, ଇନ୍ଦ୍ରମଣି ନାୟକ, ଅଞ୍ଜନ ସାହୁ, ଗୁରୁ ଗଣେଶ ମିଶ୍ର, ଉପମା କର, ପ୍ରଭାତୀ ମହାପାତ୍ର, ଶୁଭେନ୍ଦୁ ମହାପାତ୍ର, ପ୍ରେମାନନ୍ଦ ରାଉତ, ବୈକୁଣ୍ଠ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ


ସାଇଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ କଳସ ଯାତ୍ରା।

**ଢେଙ୍କାନାଳ ଅଫିସ, ୧।୩**

ଢେଙ୍କାନାଳ ସଦର ବ୍ଲକ ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ରର ୧୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୁଞ୍ଜକାନ୍ତ ପୋଖରୀରୁ ୧୫୧ ଜଣ ମହିଳା ଜଳପୂର୍ଣ୍ଣ କଳସ ଧରି ବିଶାଳ ପଟୁଆରରେ ସାଇମନ୍ଦିରରେ ପହଞ୍ଚିଥିଲେ। ଅପରାହ୍ନ ସାଢ଼େ ୫ଟାରେ ସେଠାରୁ ଏକ ଶୋଭାଯାତ୍ରା ବାହାରି କାଲଟାକ୍ସରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ସହିତ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳ ୭ଟାରେ ସାଇନାଥଙ୍କ ପାଲିଙ୍କି ଯାତ୍ରା ସହର ପରିକ୍ରମା କରିବା ପରେ ମଧ୍ୟାହ୍ନ ୧୨ଟାରେ ପୁନର୍ବାର ସାଇଶ୍ରୀକ୍ଷେତ୍ରରେ ପହଞ୍ଚିବ। ଏହାପରେ ଯଜ୍ଞ ପୂର୍ଣ୍ଣାହୁତି ଏବଂ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ସାଇଭଜନ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି।

# ସଚେତନ ହେଲେ ୧୭୫ ଛାତ୍ରୀ

**ଢେଙ୍କାନାଳ ଅଫିସ, ୧।୩**

ଢେଙ୍କାନାଳର ଗୁରୁଦେବଜୀ ଫାଉଣ୍ଡେଶନର ମହିଳା ଶାଖା ଶକ୍ତି ବାହିନୀର ପ୍ରଥମ ବାର୍ଷିକ ଉତ୍ସବ ତଥା ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବୁଧବାରଠାରୁ ମହିଳା ସଶକ୍ତୀକରଣ ସପ୍ତାହ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ କାଠଗଡ଼ାସ୍ଥିତ ଆଶ୍ରମ ସ୍କୁଲ ପରିସରରେ ୧୭୫ ଛାତ୍ରୀଙ୍କୁ ଶିଶୁକନ୍ୟା ସୁରକ୍ଷା, ମୂଲ୍ୟବୋଧକ ଶିକ୍ଷା ଓ ଋତୁସ୍ରାବଜନିତ ପରିଚ୍ଛନ୍ନତା ଉପରେ ସଚେତନତା କରାଯାଇଥିଲା। ଫାଉଣ୍ଡେଶନର ଅଧ୍ୟକ୍ଷ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଥିଲା। ଶକ୍ତି ବାହିନୀ ସମ୍ପାଦିକା ସୁଶ୍ରୀ ଶିବାନୀ ସାମଲ କହିଲେ, ମାର୍ଚ୍ଚ ୧ରୁ ୭ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ୮ ତାରିଖ ଉଦ୍‌ଯାପନୀ ଦିବସରେ ଜିଲା ପାଇଁ ଗୌରବ ଆଣିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସଭାନେତ୍ରୀ ସସ୍ମିତା ଦାଶ, ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଜଗମୋହନ ସାହୁ, ଶିକ୍ଷୟିତ୍ରୀ ରାଜଶ୍ରୀ ତ୍ରିପାଠୀ, ଅନୁଷ୍ଠାନର ସଦସ୍ୟା ସସ୍ମିତା ସାମଲ, ପ୍ରୀତିସ୍ୱରୂପା ଦାଶ, ମମତା ମହନ୍ତ, ଦୀପାଞ୍ଜଳି କାଣ୍ଡି, ସଦସ୍ୟ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

# ଢେଙ୍କାନାଳ କଲେଜ କେନ୍ଦ୍ରରେ ୧୩୦୪ ପରୀକ୍ଷାର୍ଥୀ

**ଆରମ୍ଭ ହେଲା ଯୁକ୍ତ୨ ପରୀକ୍ଷା**

**ଢେଙ୍କାନାଳ ଅଫିସ,୧।୩**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ପରୀକ୍ଷା। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭ଟି ଜୁନିୟର କଲେଜର ୧,୩୦୪ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦୨ ଛାତ୍ରୀଛାତ୍ର ଅଛନ୍ତି। ସେଥିରୁ କଳାରେ ୨୪୮, ବାଣିଜ୍ୟରେ ୧୦୧ ଏବଂ ବିଜ୍ଞାନରେ ୨୫୩ ଜଣ ପରୀକ୍ଷା ଦେଉଛନ୍ତି। ଏହି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ଅନ୍ୟ ୬ଟି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ବିଜ୍ଞାନରେ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନର ୧୨୯, ଇ-ଟେକ୍‌ର ୨୮୪, ସାଇକୃପାର


ଢେଙ୍କାନାଳ ସ୍ୱୟଂଶାସିତ କଲେଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତି।

୧୮୬, ଭାର୍ଗବୀର ୩୧, ବିଟ୍‌ର ୩୨ ଏବଂ ଧରଣୀଧର ଆବାସିକ ବିଦ୍ୟାଳୟର ୪୦ଜଣ ଛାତ୍ରୀଛାତ୍ର ରହିଛନ୍ତି।

ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କପି ରୋକିବା ଲାଗି ସିସିଟିଭି କ୍ୟାମେରା ଲଗାଯାଇଛି। କିଛିଦିନ ଧରି ବିଦ୍ୟୁତ୍ କାଟ ହେଉଥିବାରୁ ପରୀକ୍ଷା ପ୍ରଭାବିତ ହେବା ଆଶଙ୍କା ଥିଲା। ତେବେ ଅନୁରୋଧ କରିବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ ରୋକାଯାଇଥିବା ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍କୁଲରୁ ମୋଟର ଚୋରି

ଅନୁଗୋଳ ଅଫିସ,୧।୩-ଅନୁଗୋଳ ଜିଲା କିଆକଟା ଥାନା ଭଣ୍ଡାରୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ପାଣି ମୋଟର ଚୋରି ହୋଇଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭଣ୍ଡାରୀମୁଣ୍ଡା ବିଦ୍ୟାଳୟକୁ ଏକ ଶିଳ୍ପସଂସ୍ଥା ପକ୍ଷରୁ ଉକ୍ତ ପାଣି ମୋଟର ପ୍ରଦାନ କରାଯାଇଥିଲା। ସୋମବାର ବିଦ୍ୟାଳୟ ପରିସରରେ ଥିବା ବୋରୱେଲରୁ ଉକ୍ତ ପାଣି ମୋଟରକୁ ଦୁର୍ବୃତ୍ତମାନେ ଖୋଲି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ତାଳଚେର ମେଡିକାଲ କଲେଜ ପ୍ରସଙ୍ଗ: ଆଜି ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକ

ଅନୁଗୋଳ ଅଫିସ, ୧।୩-ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣ ହୋଇଥିବା ମେଡ଼ିକାଲ କଲେଜ କାର୍ଯ୍ୟକାରୀ କରିବା ପ୍ରସଙ୍ଗରେ ଗୁରୁବାର ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ଅନୁଗୋଳ ଜିଲାପାଳ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗଦେବେ। ବୈଠକ ପରେ ମେଡ଼ିକାଲ କଲେଜ କେବେ କାର୍ଯ୍ୟକାରୀ ହେବ ତାହା ସ୍ପଷ୍ଟ ହୋଇପାରେ। ମେଡିକାଲ କଲେଜକୁ ନେଇ ଦୀର୍ଘଦିନ ପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ନେଇ ଅନୁଗୋଳବାସୀ ଆଶାବାଦୀ ଅଛନ୍ତି।

### ଉପଦ୍ରବ ଚଳାଇଛନ୍ତି ୩୦ ହାତୀ

ଅନୁଗୋଳ ଅଫିସ,୧।୩-ଅନୁଗୋଳ, ବନ୍ତଲା ଏବଂ ତାଳଚେର ଅଞ୍ଚଳରେ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଏକ ପଲରେ ୩୦ ହାତୀ ପ୍ରାୟ ୫ ମାସ ହେଲା ବ୍ୟାପକ ଫସଲ ନଷ୍ଟ କରିଚାଲିଛନ୍ତି। ଗତ ଜାନୁୟାରୀ ୭ରେ ଏକ ମାଈ ହାତୀ ଅନୁଗୋଳ-ଢେଙ୍କାନାଳ ସୀମାନ୍ତ ଗ୍ରାମରେ ଉପଦ୍ରବ ସୃଷ୍ଟି କରି ୪ ଜଣଙ୍କ ଜୀବନ ନେଇଥିଲା। ଏହା ପୂର୍ବରୁ ୨ ତାରିଖରେ ହମାମିରା ଗ୍ରାମର ନିତା ଗୋଛାୟତ (୭୫)ଙ୍କୁ ଏକ ହାତୀ କଚାଡ଼ି ମାରିଦେଇଥିଲା। ଗତ ଦୁଇବର୍ଷ ମଧ୍ୟରେ ଅନୁଗୋଳ ବନଖଣ୍ଡରେ ହାତୀ-ମଣିଷ ସଂଘର୍ଷ ତୀବ୍ର ହୋଇଛି। ଏଥିରେ ଅଦ୍ୟାବଧି ୧୩ ଜୀବନ ଗଲାଣି।

### ମାହେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବଇଣ୍ଡା,୧।୩(ଡି.ଏନ୍.ଏ.)- କିଶୋରନଗର ବ୍ଲକ ବଇଣ୍ଡା ନିକଟ ଶାଳବଣି ସାହିରେ ନବନିର୍ମିତ ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିପୂର୍ବରୁ ମଙ୍ଗଳବାର ଚନ୍ଦନ ପୋଖରୀରୁ କଳସରେ ପାଣି ଅଣାଯାଇଥିଲା। ହୋମଯଜ୍ଞ ପରେ ମା'ଙ୍କ ବିଗ୍ରହକୁ ମନ୍ଦିର ପ୍ରବେଶ କରାଯାଇଥିଲା। ଜଗତ ମୋହନ ମିଶ୍ର, ମଦନ ମୋହନ ମିଶ୍ର, ରାଜେଶ ମିଶ୍ର, ପ୍ରତାପ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଈଶ୍ୱର ଶଙ୍ଖାରି, ରମେଶ ଶଙ୍ଖାରି, ବିନୋଦ ଶଙ୍ଖାରି, ନବୀନ ଶଙ୍ଖାରି, କାଳିଆ ଶଙ୍ଖାରି, ରୂପେଶ ପ୍ରଧାନ, ଅମୀୟ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆରମ୍ଭ ହେଲା ଯୁକ୍ତ ୨ ପରୀକ୍ଷା



ବଇଣ୍ଡା/କଣିହାଁ,୧।୩(ଡି.ଏନ୍.ଏ.)

ସାରା ରାଜ୍ୟରେ ବୁଧବାରଠାରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହୋଇଛି। କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ୪୬ ଜଣ ଛାତ୍ରୀଛାତ୍ର ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରିବା ପରେ କେନ୍ଦ୍ରକୁ ଛଡ଼ାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ସୁପରିଟେଣ୍ଡେଣ୍ଟ କାଳିନ୍ଦୀ ଚରଣ ପ୍ରଧାନ ପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିଥିଲେ। ଆଠମଲ୍ଲିକ

**ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା**

ସହକାରୀ ଜିଲାପାଳ କୁଳମଣି ଦଳେଇ, କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ।

ସେହିପରି କଣିହାଁ ବ୍ଲକର ୩ଟି କଲେଜରେ ୧୩୮ ବିଜ୍ଞାନ ବିଭାଗ ଛାତ୍ର ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରେ କଣିହାଁ କଲେଜର ୩୧, ରେଙ୍ଗାଳି କଲେଜର ୪ ଜଣ ପରୀକ୍ଷାର୍ଥୀ ରହିଥିବା କଲେଜ ଅଧ୍ୟକ୍ଷ ଡ. ମଦନ ମୋହନ ମହାନ୍ତି, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟନାରାୟଣ ପରିଡା ସୂଚନା ଦେଇଛନ୍ତି। ସେହିପରି ଜଗମୋହନ କଲେଜ କୁଲୁମାରେ ୫୪ଜଣ ପରୀକ୍ଷା ଦେଇଥିବା ଅଧ୍ୟକ୍ଷ ଦିଗାମ୍ବର ବିଶ୍ୱାଳ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ପବିତ୍ରନଗର କଲେଜରେ ୪୯ଜଣ ପରକ୍ଷା ଦେଇଥିବା ଅଧ୍ୟକ୍ଷ ରମାକାନ୍ତ ସାହୁ କହିଛନ୍ତି।

## ପିକ୍‌ଅପ୍-ବାଇକ୍ ଧକ୍କା: ଜଣେ ମୃତ

ଛେଣ୍ଡିପଦା/ମାଧପୁର୧।୩(ସ୍ୱ.ପ୍ର)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ପିତାବଳୀ ଛକରେ ବୁଧବାର ପିକ୍‌ଅପ୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ବାଗଡିଆ ଥାନା ପାତ୍ରପଡା ପଞ୍ଚାୟତ ଖଇରବେରେଣୀ ଗ୍ରାମର ନିରଞ୍ଜନ ସାହୁଙ୍କ ମୃତ୍ୟୁ ଘଟିଛି। ସେ ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବାଲ ବିକାଶ କାର୍ଯ୍ୟକ୍ରମର ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିଲେ। ଘଟଣାରୁ ଜଣାପଡ଼ିଛି, ନିରଞ୍ଜନ ବାଇକ ଯୋଗେ ଛେଣ୍ଡିପଦାରୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ପିତାବଳୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ନିରଞ୍ଜନ ଗୁରୁତର ହୋଇଥିଲେ। ଖବରପାଇ ନିଶା ଥାନା ପୋଲିସ ଆମ୍ବୁଲାନ୍ସ ଯୋଗେ ନିରଞ୍ଜନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୩୫୨ ଲିଟର ଦେଶୀ ମଦ ଜବତ, ୧୦ ଗିରଫ

ଅନୁଗୋଳ ଅଫିସ, ୧।୩

ଅନୁଗୋଳ ସଦର ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୫୨ ଲିଟର ଦେଶୀ ମଦ ଓ ୨୦୦ କିଲୋଗ୍ରାମ ପୋଚ ଜବତ କରାଯାଇଛି। ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ନିତ୍ୟାନନ୍ଦ ନାଏକ, ଆମ୍ବପଲାସ ଗ୍ରାମର ଭଞ୍ଜନ ନାଏକ, ବାଘମୁଣ୍ଡା ଗ୍ରାମର ଦୀପକ ପାତ୍ର ଏବଂ କଲିୟାରୀ ଥାନା ହାଣ୍ଡିଧୁଆ ଗ୍ରାମର କାଳୀଦାସ ମହାପାତ୍ର ଅଛନ୍ତି। ସେହିପରି ନିଶା ଥାନା ଅଞ୍ଚଳରୁ ୩ ଏବଂ ଆଠମଲ୍ଲିକ ଓ ଠାକୁରଗଡ଼ ଅଞ୍ଚଳରୁ ୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ଅଞ୍ଚଳରୁ ମଦ ଆଣି ଅନୁଗୋଳ ଜିଲାରେ ବିକ୍ରି କରୁଥିବା ଜଣାପଡ଼ିଛି।



ଜବତ ବାଇକ୍ ସହ ଗିରଫ ଅଭିଯୁକ୍ତ।

## ବିଜ୍ଞାନ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ଛେଣ୍ଡିପଦା,୧।୩(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ବାହାଳସାହିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାହାଳସାହି ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଯୋଗଦେଇ ବିଜ୍ଞାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭଲକ୍ଷ୍ମୀ ସେଠୀ, ଗୀତିବାଳା କିଷାନ, ସନ୍ତୋଷ ଦେଶନ ଓ ଆଶିଷ ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଆଶିଷ ବେହେରା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

## ୩ ରୁ ମାଲ୍ୟଗିରି ମହୋତ୍ସବ

ପାଲଲହଡା,୧।୩(ଡି.ଏନ୍.ଏ.)

ପାଲଲହଡ଼ା ବ୍ଲକର ଲୋକକଳାକୁ ଉଜ୍ଜୀବିତ କରାଇବା ଲାଗି ଆସନ୍ତା ୩ରୁ ମାଲ୍ୟଗିରି ମହୋତ୍ସବ ଆରମ୍ଭ ହେବ। ଏହା ୭ ତାରିଖ ଯାଏ ଚାଲିବ। ଏ ନେଇ ବୁଧବାର ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ମୁକେଶ ପାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୈଠକରେ ମହୋତ୍ସବର ସାମଗ୍ରିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହୋତ୍ସବର ଆବାହକ ଉପଜିଲାପାଳ ସୁଶାନ୍ତ କୁମାର ପତି, ତହସିଲଦାର ଲମ୍ବୋଦର ମାରାଣ୍ଡି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓରମାସ ପକ୍ଷରୁ ୫ ଦିନ ଧରି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ବିଭିନ୍ନ ଛକ ଜାଗା ଓ ମହୋତ୍ସବ ସ୍ଥଳୀରେ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଗ୍ରାମୀଣ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ




କଣିହାଁ,୧।୩(ଡି.ଏନ୍.ଏ.)

କଣିହାଁ ଏନ୍‌ଟିପିସିଠାରେ ବୁଧବାରଠାରୁ ୧୮ ତମ ଗ୍ରାମୀଣ ଆଥଲେଟିକ୍ସ ମିଟ୍ ଆରମ୍ଭ ହୋଇଛି। ଏହା ୨ଦିନ ଧରି ଚାଲିବ। ଏଥିରେ କଣିହାଁ ବ୍ଲକର ୩୨ ବିଦ୍ୟାଳୟର ୪୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଦୌଡ଼, ଜାଭେଲିନ ଥ୍ରୋ, ସଟ୍‌ପୁଟ, ଡିସ୍କସ୍, ହାଇଜମ୍ପ, ଲଙ୍ଗଜମ୍ପ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମୁଖ୍ୟ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍. ସୁନ୍ଦରାମ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାମଗ୍ରିକ ବିକାଶ ପାଇଁ ଅଧ୍ୟୟନ ସହିତ କ୍ରୀଡ଼ା ଜଡ଼ିତ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଗ୍ରାମୀଣ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ଲୁକ୍କାୟିତ ପ୍ରତିଭାକୁ ଉତ୍ସାହିତ କରିବା ହେଉଛି କ୍ରୀଡ଼ା ମିଟ୍‌ର ଉଦ୍ଦେଶ୍ୟ। ପ୍ରାୟ ୪୦ଟି ଏନ୍‌ଟିପିସି କର୍ମଚାରୀ କ୍ରୀଡ଼ା ପରିଷଦ ସଦସ୍ୟଙ୍କ ସହ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଏମଓ ଏଣ୍ଡ ଏମଏସ୍‌ଏଚ୍ ଏ.କେ. ସେହଗଲ, ଜିଏମ ପ୍ରୋଜେକ୍ଟ ଆର.ଏନ୍. ଦାସ, ଏଜିଏମ୍ ଏଚ୍‌ଆର ବି.କେ. ପାଣ୍ଡେ, କ୍ରୀଡ଼ା ପରିଷଦର ଚେୟାରମ୍ୟାନ ପି.ଆର୍. ବାରିକ, ୟୁନିଅନ୍ସ ଆଣ୍ଡ ଆସୋସିଏଶନର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବଇଣ୍ଡା, ୧।୩(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଲାଗି ରହିଥିବା ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବୁଧବାର ବଇଣ୍ଡା ଫାଣ୍ଡି ପରିସରରେ ଗ୍ରାମବାସୀ, ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଏବଂ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନମିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୁନୁକାପଶି ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଯୁଗ୍ମ ସହ-ସମ୍ପାଦକ ପରୀକ୍ଷିତ ସାହୁ, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିନୀତ ଶାହା, ରମେଶ ଚନ୍ଦ୍ର ଟିବ୍ରୁୱାଲା, ଗିରୀଶ ଚନ୍ଦ୍ର ବେହେରା, ପ୍ରସନ୍ନ ବେହେରା, ରାଜେନ୍ଦ୍ର ରାଉତ, ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକଙ୍କ ସମେତ ଠିକାସଂସ୍ଥା ଏଆଇପିଏଲର ଅଧିକାରୀମାନେ ଉପସ୍ଥିତ ଥିଲେ। ବହୁ ବିଳମ୍ବରେ ଠିକାସଂସ୍ଥା ପକ୍ଷରୁ ବଇଣ୍ଡାଠାରେ ରାସ୍ତାକାମ ଆରମ୍ଭ ହୋଇଛି। ହେଲେ ନିର୍ମାଣ କରାଯାଉଥିବା ସର୍ଭିସ ରୋଡ୍ ଅତି ନିମ୍ନମାନର କରାଯାଉଛି। କଂକ୍ରିଟ ରାସ୍ତା ଏବଂ ଅସ୍ଥାୟୀ ରାସ୍ତାରେ ପାଣି ପକାଯାଉନାହିଁ। ଚନ୍ଦନ ପୋଖରୀ ନିକଟରେ ରାସ୍ତା ନିର୍ମାଣ କରାଯାଉଥିବାବେଳେ ୱାଲ ଦିଆଯାଇନାହିଁ। ମାଟି ପୋଖରୀକୁ ଧସୁଛି। ସେହିପରି ବଇଣ୍ଡା ମେଡିକାଲ, କିଶୋରଗଞ୍ଜ ସ୍କୁଲ, ଶିଶୁ ମନ୍ଦିର ସ୍କୁଲକୁ ଯାତାୟତ ପାଇଁ ଅଣ୍ଡରପାସ ନିର୍ମାଣ କରିବା ଲାଗି ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ମିଳିପାରୁନାହିଁ। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରାଯିବ। ତଥାପି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ମାର୍ଚ୍ଚ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିରୀକୃତ

ଅନୁଗୋଳ ଅଫିସ, ୧।୩

ମାର୍ଚ୍ଚ ମାସ ପାଇଁ ଅନୁଗୋଳ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାର୍ଚ୍ଚ ୬ରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୦ ତାରିଖରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ତାରିଖରେ ଜିଲା କାର୍ଯ୍ୟାଳୟଠାରେ ଏହା ଅନୁଷ୍ଠିତ ହେବ। ଶିବିରରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ଆପତ୍ତି ଅଭିଯୋଗ ଉପସ୍ଥାପନ କରିପାରିବେ। ତେବେ ଏଥିପୂର୍ବରୁ ସେମାନେ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ନିବେଦନ କରାଯାଇଛି। କୌଣସି ବ୍ୟକ୍ତି ପ୍ରଥମ କରି ସିଧାସଳଖ ଜନଶୁଣାଣି ଶିବିରକୁ ଆସି ଆପତ୍ତି ଅଭିଯୋଗ ନ କରିବାକୁ ନିବେଦନ କରାଯାଇଛି।

## ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର



ଅନୁଗୋଳ ଅଫିସ,୧।୩

ଅନୁଗୋଳ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘଦିନରୁ କାର୍ଯ୍ୟରତ ମିଟର ରିଡର, ବିଲ୍ କଲେକ୍ଟରଙ୍କୁ ନିୟମିତ କରିବା, ସମାନ କାମକୁ ସମାନ ମଜୁରି ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଆସନ୍ତା ୯ ମାର୍ଚ୍ଚରେ ଭୁବନେଶ୍ୱରଠାରେ ହେବାକୁ ଥିବା ଧାରଣାରେ ଅନୁଗୋଳରୁ ବହୁ ସଂଖ୍ୟାରେ ଠିକା କର୍ମଚାରୀ ଯୋଗଦେବେ ବୋଲି ସଂଘ କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ଦୀପକ ସିଂ, ସୁକାନ୍ତ ମହାନ୍ତି, ଦିଲ୍ଲୀପ ବିଶ୍ୱାଳ, ସରୋଜ ଦେହୁରୀ, ଲିପନ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

## ଆଜି ଏସ୍‌ଏଚ୍‌ଜିଙ୍କୁ ବଣ୍ଟାଯିବ ସାଇକେଲ

ଅନୁଗୋଳ ଅଫିସ, ୧।୩

ଅନୁଗୋଳ ପୌରପାଳିକା ଅଧୀନରେ ବିଭିନ୍ନ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗୁରୁବାର ସାଇକେଲ ବଣ୍ଟନ କରାଯିବ। ଏନେଇ ପୌରପାଳିକା ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୭୨ଟି ସାଇକେଲ ଏସ୍‌ଏଚଜି ଗୋଷ୍ଠୀ ଓ ବିଭିନ୍ନ କାର୍ଯ୍ୟ କରୁଥିବା ମହିଳାଙ୍କୁ ବଣ୍ଟନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ସାଇକେଲ ମାଧ୍ୟମରେ ପୌରପାଳିକା ଅଧୀନରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଏସଏଚଜି ଘରକୁ ଘର ବୁଲି ସେମାନଙ୍କ କାର୍ଯ୍ୟ ତୁଲାଇବେ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।



## ୧୪ କୁଇଣ୍ଟାଲ ଚୋରା କୋଇଲା ଜବତ, ୨ ଗିରଫ

ଛେଣ୍ଡିପଦା,୧।୩(ସ୍ୱ.ପ୍ର)

ଅନୁଗୋଳ ଜିଲାର ପୃଥକ୍ ସ୍ଥାନରୁ ୧୪ କୁଇଣ୍ଟାଲ ଚୋରା କୋଇଲା ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ ଚଢାଉ କରି ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚୋରା କୋଇଲା ଏବଂ ୨ଟି ଲୁନା ଜବତ କରିଛି। ଏହି ଘଟଣାରେ ଦୁର୍ଗାପୁର ଗ୍ରାମର ଅରକ୍ଷିତ ସେଠୀ ଓ ସୁମନ୍ତ ସେଠୀଙ୍କୁ ଗିରଫ ହୋଇଛନ୍ତି। ଉଭୟେ ଲୁନାରେ କଙ୍ଗକରେଇରୁ ଚୋରା କୋଇଲା ନେଇ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ପୋଲିସ ଧରିଥିଲା। ହିଙ୍ଗୁଳା ଖଣିରୁ ଉଭୟେ ଏହି କୋଇଲା ଆଣିଥିବା ପୋଲିସ ସୂଚନା ଦେଇଛି। ଏ ନେଇ କେସ ନଂ.୩୮/୨୩ରେ ଏକ ମାମଲା ରୁଜୁ ହୋଇଛି।



ଗିରଫ ୨ ଅଭିଯୁକ୍ତ।

ସେହିପରି ଛେଣ୍ଡିପଦା ପୋଲିସ ବିଳମ୍ବିତ ରାତିରେ କଙ୍କୁରପାଳ ଗ୍ରାମ ନିକଟରୁ ୧୨ କୁଇଣ୍ଟାଲ କୋଇଲା ଜବତ କରିଛି। ଉକ୍ତ ରାସ୍ତାଦେଇ ୪ ଜଣ ଜରି ବସ୍ତାରେ କୋଇଲା ଲୋଡ୍ କରି ନେଇ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ତେବେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ୪ ବାଇକ ଏବଂ ୧୨ କୁଇଣ୍ଟାଲ ଚୋରା କୋଇଲା ଜବତ କରିଛି। ଏ ନେଇ ନଂ. ୮୮/୨୩ରେ ମାମଲା ରୁଜୁ ହୋଇଛି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୧।୩(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ମାନସ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି କେଶବ ସାହୁ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଭାପତି ଶ୍ୟାମଘନ ସାହୁ, ଲମ୍ବୋଦର ପ୍ରଧାନ, ଶିକ୍ଷକ ପ୍ରବୀଣ ସାହୁ, ଗଣେଶ୍ୱର ବେହେରା, ତରୁଣ ପ୍ରଧାନ, ଲତା ବେହେରା, ଡଲି ପ୍ରଧାନ, ଜ୍ୟୋତ୍ସ୍ନାମୟୀ ସାହୁ ପ୍ରମୁଖ ଯୋଗଦେଇ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

